## ଜାତୀୟ ଉସୁ ଜଜ୍ ଭାବେ ଅନୁଗୋଳର ସୁଶାନ୍ତ ନାଏକ ମନୋନୀତ ।

ଝାରଖଣ୍ଡର ରାଞ୍ଚି ସ୍ଥିତ ଶାରଳା ବିର୍ଲା ବିଶ୍ୱ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଜାତୀୟ ଉସୁ ବିଚାରକ ପ୍ରଶିକ୍ଷଣ ଏବଂ ପ୍ରମାଣପତ୍ର ପାଠ୍ୟକ୍ରମରେ ଓଡିଶାରୁ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ଜାତୀୟ ସ୍ତରର ଉସୁ ଜଜ୍ ଭାବେ ମନୋନୀତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଅନୁଗୋଳର ଶ୍ରୀ ସୁଶାନ୍ତ ନାଏକ ଅନ୍ୟତମ ଉସୁ ଜଜ୍ ଭାବେ ମନୋନୀତ ହେବା ସହ ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି । ଚଳିତ ମାସ ୧୭ ତାରିଖରୁ ୨୩ ତାରିଖ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ଉସୁ ଆସୋସିଏସନ , ଓଡିଶା ଉସୁ ଆସୋସିଏସର ପ୍ରତିଷ୍ଠାତା ଶ୍ରୀ ଏସ୍ ଏସ୍ ହରିଚନ୍ଦନ , ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ ସେଠଙ୍କ ତରଫରୁ ଧନ୍ୟବାଦ ପ୍ରଦାନ କରିବା ସହିତ ଆଗାମୀ ପିଢିର ପ୍ରତିଯୋଗୀମାନଂକୁ ପ୍ରଶିକ୍ଷଣରେ ଶ୍ରୀ ନାଏକ ସାହାଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା - ୪୪୬ ତା.୨୬.୦୭.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

26/7/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

